# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16th March - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ସାଧାରଣ ନିର୍ବାଚନ-୨୦୨୪ ପାଇଁ ତାରିଖ ଘୋଷଣା କଲେ ନିର୍ବାଚନ କମିଶନ୍ ।

— ସାରା ଦେଶରେ ୭ଟି ପର୍ଯ୍ୟାୟରେ କରାଯିବ ଭୋଟ୍‌ଗ୍ରହଣ ।

— ରାଜ୍ୟରେ ୪ଟି ପର୍ଯ୍ୟାୟରେ ହେବ ମତଦାନ ।

— ଆଜିଠାରୁ ଲାଗୁ ହେଲା ଆଦର୍ଶ ନିର୍ବାଚନ ଆଚରଣ ବିଧି ।

- ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ ।

- ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ ଡିଜିଟାଲ୍ ସାର୍ଟିଫିକେଟ୍ ।

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ।

*Desk*

# ସାଧାରଣ ନିର୍ବାଚନ

ସାଧାରଣ ନିର୍ବାଚନ-୨୦୨୪ ପାଇଁ ଭାରତର ନିର୍ବାଚନ କମିଶନ୍ ତାରିଖ ଘୋଷଣା କରିଛନ୍ତି । ଆଜି ଅପରାହ୍ଣରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ସାରା ଦେଶରେ ୭ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ । ଏପ୍ରିଲ୍ ୧୯ରେ ୨୧ଟି ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଆରମ୍ଭ ହେବାକୁ ଥିବାବେଳେ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ୮୯ଟି ଆସନରେ ମତଦାନ ହେବ । ସେହିପରି ମେ ୭ ତାରିଖରେ ତୃତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟରେ ମତତାନ ହେବାକୁ ଥିବାବେଳେ ମେ ୧୩ ତାରିଖରେ ଚତୁର୍ଥ ପର୍ଯ୍ୟାୟ ଏବଂ ୨୦ ତାରିଖରେ ପଞ୍ଚମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ମେ ୨୫ ତାରିଖରେ ଷଷ୍ଠ ପର୍ଯ୍ୟାୟ ଓ ଜୁନ୍ ପହିଲାରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ସମଗ୍ର ଦେଶରେ ଏକକାଳୀନ ଜୁନ୍ ୪ ତାରିଖ ଦିନ ଭୋଟ୍ ଗଣତି କରାଯିବା ନେଇ ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି ।

ଓଡ଼ିଶାରେ ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବା ନେଇ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ଉଭୟ ବିଧାନସଭା ଓ ଲୋକସଭା ପାଇଁ ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମେ ୧୩

ତାରିଖରେ ୪ଟି ଲୋକସଭା ଆସନ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ଏପ୍ରିଲ୍ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯିବ । ଦ୍ୱିତୀୟ ପର୍ଯ୍ୟାୟ ମେ ୨୦ ତାରିଖରେ ୫ଟି ଲୋକସଭା ଆସନ ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସିକା ନିର୍ବାଚନ ମଣ୍ଡଳି ସମେତ ଏହାର ଅନ୍ତର୍ଗତ ୩୫ଟି ବିଧାନସଭା ଆସନରେ ମତଦାନ ହେବ । ଏଥିପାଇଁ ଏପ୍ରିଲ୍ ୨୬ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ । ତୃତୀୟ ପର୍ଯ୍ୟାୟ ମେ ୨୫ ତାରିଖରେ ୬ଟି ଲୋକସଭା ଆସନ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱର ନିର୍ବାଚନ ମଣ୍ଡଳି ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ଭୋଟ୍‌ଗ୍ରହଣ ହେବ । ଏଥିପାଇଁ ଏପ୍ରିଲ୍ ୨୯ ତାରିଖରୁ ମେ ୬ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରାଯାଇପାରିବ । ସେହିପରି ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ଜୁନ୍ ପହିଲାରେ ୬ଟି ଲୋକସଭା ଆସନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳି ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରୁ ଭୋଟ୍‌ଗ୍ରହଣ କରାଯିବ । ଏଥିପାଇଁ ମେ ୭ରୁ ୧୪ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯାଯାଇପାରିବ । ଏଥିସହ ଆଜିଠାରୁ ସମଗ୍ର ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି ବୋଲି ନିର୍ବାଚନ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି ।

ଦେଶରେ ଅନୁଷ୍ଠିତ ହେଉଥିବା ଏହି ନିର୍ବଚାନ ପାଇଁ ୫୫ ଲକ୍ଷ ଇ.ଭି.ଏମ୍.ର ବ୍ୟବହାର କରାଯାଇ ୧୦ ଲକ୍ଷ ୫୦ ହଜାର ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ କରାଯିବ । ଏହି ନିର୍ବାଚନରେ ଦେଢ଼ କୋଟି ପୁଲିଙ୍ଗ୍ ଅଫିସର ଓ କର୍ମଚାରୀ ନିୟୋଜିତ ହେବାକୁ ଥିବାବେଳେ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ୨ ହଜାର ୧୦୦ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି ।

ମୁଖ୍ୟ ନିର୍ବାଚନ କମିଶନର୍ ରାଜୀବ କୁମାର କହିଛନ୍ତି, ସପ୍ତଦଶ ଲୋକସଭାର କାର୍ଯ୍ୟକାଳ ଆଜି ଶେଷ ହେଉଛି । ଦେଶରେ ୯୭ କୋଟି ପଞ୍ଜିକୃତ ମତଦାତା ଚିହ୍ନଟ ହୋଇଥିବାବେଳେ ୧୮ରୁ ୨୯ ବର୍ଷ ବୟସ ମଧ୍ୟରେ ଯୁବ ଭୋଟରଙ୍କ ସଂଖ୍ୟା ୨୧ କୋଟି ରହିଛି । ସେହିପରି ଦେଶରେ ୨ ଲକ୍ଷ ୧୮ ହଜାର ଶତାୟୁ ଭୋଟର୍ ରହିଛନ୍ତି । ୮୫ ବର୍ଷରୁ ଅଧିକ ବୟସର ମତଦାତାମାନେ ଘରେ ରହି ଯେପରି ଭୋଟ୍ ଦେଇପାରିବେ, ସେଥିପାଇଁ ସେମାନଙ୍କ ଘରକୁ ଫର୍ମ ପଠାଇ ଦିଆଯିବ ।

*Desk*

# ଲୋକ ଅଦାଲତ

ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତାକାଲି ଅନୁଷ୍ଠିତ ହେବ । ଓଡ଼ିଶା ହାଇକୋର୍ଟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ଅଦାଲତରେ ୯ଜଣ ବିଚାରପତି ମାମଲା ଗୁଡ଼ିକର ଶୁଣାଣି କରିବେ । ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ଲୋକଅଦାଲତ ଆରମ୍ଭ ହୋଇ ମାମଲାର ସମାଧାନ

ଆପୋଷ ବୁଝାମଣାରେ କରାଯିବ । ସୂଚନାଯୋଗ୍ୟ ପୂର୍ବରୁ ଏହି ଲୋକ ଅଦାଲତ ୯ ତାରିଖରେ କରାଯିବାକୁ ସ୍ଥିର ହୋଇଥିଲା । ମାତ୍ର ପରେ ଏହାକୁ ୧୭ତାରିଖ ପାଇଁ ଧାର୍ଯ୍ୟ ହୋଇଥିଲା । ତେବେ, ଗତ ୯ ତାରିଖରେ ରାଜ୍ୟରେ ଥିବା ବିଭିନ୍ନ କୋର୍ଟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହୋଇଯାଇଛି ।

***Cuttack/R***

## ମାଟ୍ରିକ୍ ସାର୍ଟିଫିକେଟ୍

ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ଫଳ ପ୍ରକାଶ ପାଇବାର ୭ ଦିନ ଭିତରେ ଡିଜିଟାଲ୍ ସାର୍ଟିଫିକେଟ୍ ଅନ୍‌ଲାଇନ୍‌ରୁ ଡାଉନ୍‌ଲୋଡ୍ କରି ପାଇପାରିବେ । ସାର୍ଟିଫିକେଟ୍ ପାଇବାପାଇଁ ଆଉ ଅଧିକ ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ରାଜ୍ୟର ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି । ଏହି କେନ୍ଦ୍ରଗୁଡ଼ିକ ୨୪ ଘଣ୍ଟିଆ ସି.ସି.ଟି.ଭି. ନଜରରେ ରଖାଯିବା ସହ ୧୦ ସୁପରଭାଇଜିଂ ଟିମ୍ ଏହାର ଅନୁଧ୍ୟାନ କରୁଛନ୍ତି ବୋଲି ବୋର୍ଡ଼ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ଆସନ୍ତା ୨୮ ତାରିଖ ସୁଦ୍ଧା ମାଟ୍ରିକ୍ ଖାତା ମୂଲ୍ୟାୟନ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ପରୀକ୍ଷାର୍ଥୀମାନେ ଅନ୍‌ଲାଇନ୍‌ରେ ଫଳାଫଳ ଦେଖିପାରିବେ । ସେହିପରି ଫଳାଫଳ ପ୍ରକାଶ ପାଇବାର ୧୫ ଦିନ ପରେ ପରୀକ୍ଷାର୍ଥୀମାନେ ସାର୍ଟିଫିକେଟ୍

ହାର୍ଡ଼କପି ନିଜ ନିଜ ବିଦ୍ୟାଳୟରୁ ସଂଗ୍ରହ କରିପାରିବେ ବୋଲି ବୋର୍ଡ଼ ସଭାପତି ଶ୍ରୀ ତରାଇ ସୂଚନା ଦେଇଛନ୍ତି ।

*Rajvawan*

## ସେଣ୍ଟ ଜନ୍ ଆମ୍ବୁଲାନ୍ସ କାର୍ଯ୍ୟନିର୍ବାହୀ ବୈଠକ

ରାଜ୍ୟପାଳ ରଘୁବର ଦାସଙ୍କ ଅଧ୍ୟକ୍ଷତାରେ ଆଜି ରାଜଭବନଠାରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ, ଓଡ଼ିଶା ରାଜ୍ୟ କେନ୍ଦ୍ରର କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ ଦେଶରେ ପ୍ରାଥମିକ ଚିକିତ୍ସା ପ୍ରଦାନରେ ଅଗ୍ରଣୀ ଭୂମିକା ନେବା ସହ ଏକ ରୋଲ୍ ମଡେଲ୍ ଭାବରେ ପରିଗଣିତ ହୋଇଛି । ସ୍ୱେଚ୍ଛାସେବୀମାନଙ୍କ ନିଷ୍ଠା ଓ ସମର୍ପଣ ମନୋଭାବ ବାସ୍ତବିକ ପ୍ରଶଂସନୀୟ ବୋଲି ରାଜ୍ୟପାଳ କହିଛନ୍ତି । ଏହି ବୈଠକରେ ଏହାର ଲକ୍ଷ୍ୟ ଓ ଆଦର୍ଶ ପରିପୂରଣ ପାଇଁ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି ।

***HS***

## ରାଜ୍ୟପାଳ - ପ୍ରସନ୍ନ ଆଚାର୍ଯ୍ୟ

ପୂର୍ବତନ ସାଂସଦ ତଥା ବରିଷ୍ଠ ବି.ଜେ.ଡି. ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ରାଜ୍ୟପାଳ ରଘୁବର ଦାସ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି

ବୁଝିଛନ୍ତି । ସୂଚନାଯୋଗ୍ୟ, ଦୁର୍ଘଟଣାରେ ଗୁରୁତର ହୋଇ ଶ୍ରୀ ଆଚାର୍ଯ୍ୟ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି ।

*Kendrapara/R*

## ଗ୍ରାମୀଣ ଅଦାଲତ ଉଦ୍‌ଘାଟନ

କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନାଗରଠାରେ ନବନିର୍ମିତ ଗ୍ରାମ୍ୟ ନ୍ୟାୟାଳୟ କାର୍ଯ୍ୟାଳୟ ପରିସରକୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଉଦ୍‌ଘାଟନ କରିଛନ୍ତି । ଗ୍ରାମୀଣ ସ୍ତରରେ ତ୍ୱରିତ ବିଚାରସେବା ପ୍ରଦାନ କ୍ଷେତ୍ରରେ ଏହି ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଚାରପତି ଜଷ୍ଟିସ୍ ବି.ଆର୍. ଷଡ଼ଙ୍ଗୀ, ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

*Desk*

## ପ୍ରସାରଭାରତୀ - ଚେୟାର୍‌ମ୍ୟାନ୍

ପୂର୍ବତନ ପ୍ରଶାସନିକ ସେବା ଅଫିସର ନବନୀତ କୁମାର ସେହଗଲ୍ ଆଜି ପ୍ରସାର ଭାରତୀର ନୂଆ ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

୧୯୮୮ ବ୍ୟାଚ୍ ପ୍ରଶାସନିକ ସେବା ଅଫିସର ଶ୍ରୀ ସେହଗଲ ଉତ୍ତରପ୍ରଦେଶ କ୍ୟାଡର୍ ର ଅବସରପ୍ରାପ୍ତ ଅଧିକାରୀ । ଏ.ସୂର୍ଯ୍ୟପ୍ରକାଶଙ୍କ ସ୍ଥାନରେ ସେ ଦାୟିତ୍ୱ ନେଇଛନ୍ତି । ସୂର୍ଯ୍ୟପ୍ରକାଶ ୨୦୨୦ରୁ ପ୍ରସାର ଭାରତୀର ଚେୟାରମ୍ୟାନ୍ ଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ' ନବନୀତ କୁମାର ସେହଗଲଙ୍କୁ ନିଯୁକ୍ତି ଦେଇଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଧ୍ୟକ୍ଷତାରେ ମନୋନୟନ କମିଟି ନବନୀତ କୁମାର ସେହଗଲଙ୍କ ନାମକୁ ଅନୁମୋଦନ କରିଥିଲେ ।

***IPR***

## ହସ୍ତତନ୍ତ ମେଳା-୨୦୨୪

ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୪ ଉଦ୍‌ଘାଟିତ ହୋଇଛି । ବିଭାଗୀୟ ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ମେଳା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବୁଣାକାରମାନେ ୩୪ଟି ଦେୟମୁକ୍ତ ଷ୍ଟଲ୍‌ରେ ବିଭିନ୍ନ କିସମର ବସ୍ତ୍ର ବିକ୍ରୟ କରୁଛନ୍ତି ।

***Bolangir/R***

# ମାଓ ଆତ୍ମସମର୍ପଣ

ଆଜି ବଲାଙ୍ଗିର ଜିଲ୍ଲାରେ ୨ ଜଣ ମାଓବାଦୀ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ପୁଲିସ୍‌ର ଲଗାତାର କମ୍ବିଂ ଅପରେସନ ଓ ମାଓ ସଙ୍ଗଠନ ମୁଖ୍ୟମାନଙ୍କ ନିର୍ଯାତନା ଯୋଗୁଁ ବରଗଡ଼-ବଲାଙ୍ଗିର-ମହାସମୁନ୍ଦ ଡିଭିଜନର ଏରିଆ କମାଣ୍ଡର ସୋମନାଥ ଆଚଲ ଓରଫ୍ ମହେଶ ଆଜି ଉତ୍ତରାଞ୍ଚଳ ଆଇ.ଜି. ହିମାଂଶୁ ଲାଲ୍‌ଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି । ସେ ୨୦୦୬ ମସିହାରୁ ମାଓ ସଙ୍ଗଠନରେ ସାମିଲ୍ ହୋଇଥିଲେ ।

***Deogarh/R***

# କଳାମୋତିଆ ସପ୍ତାହ

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ତାଲିମ୍‌କେନ୍ଦ୍ରଠାରେ ବିଶ୍ୱ କଳାମୋତିଆ (ଗ୍ଲୁକୋମା) ସପ୍ତାହ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ଲୋକଙ୍କୁ ସଚେତନତା କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାର ବାର୍ତ୍ତା "ଉଜ୍ଜ୍ୱଳ ଦୁନିଆକୁ

ଉପଭୋଗ କରିବା ପାଇଁ ଚକ୍ଷୁର ଯତ୍ନ ନେବା” ଉପରେ ଆଲୋକପାତ କରିଥିଲେ ।

*Desk*

# ପାଣିପାଗ

ରାଜ୍ୟରେ ବର୍ତ୍ତମାନ ତାତି ଓ କାଳବୈଶାଖୀର ମିଶ୍ରିତ ପ୍ରଭାବ ଜାରି ରହିଛି। ଆଜିଠାରୁ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଏବଂ ଆଭ୍ୟନ୍ତରୀଣ ସ୍ଥାନ ଗୁଡ଼ିକରେ କାଳ ବୈଶାଖୀର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଆସନ୍ତା ୩ ଦିନ ପରେ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୟାଗଡ, କଟକ ଓ ଯାଜପୁର ଆଦି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ଆଶଙ୍କା ଥିବାରୁ ଏସବୁ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଅନ୍ୟପକ୍ଷରେ କାଳବୈଶାଖୀ ଜନିତ ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

*****